## ସଂକ୍ଷେପରେ

### ପ୍ରମାଣପତ୍ର ପ୍ରଦାନ ଉତ୍ସବ

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ପିଙ୍ଗୁଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା ବୃତ୍ତି ପ୍ରମାଣ ପତ୍ର ପ୍ରଦାନ ଉତ୍ସବ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ସାମଲ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅତିଥି ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ଶିକ୍ଷକ ପ୍ରକାଶ ବାରିକ, ଶ୍ରୀକାନ୍ତ ନାୟକ, ତରୁଣ ବାରିକ, ଶିକ୍ଷୟିତ୍ରୀ ପଦ୍ମିନୀ ତରାଇ, ସ୍ୱାଗତିକା ବେହେରା, ଲିଜା ଦଳେଇ, ମିନତି ସାହୁ, ମାଳତୀ ବେହେରା, କାର୍ଯ୍ୟାଳୟ ସହାୟକ ହୃଷୀକେଶ ଦାସ ଉପସ୍ଥିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଆ ଭାଷା ବୃତ୍ତି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଙ୍ଗୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅଭିଷେକ ଗାହଣଙ୍କ ପିତା ବିଜୟ କୁମାର ଗାହଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମାଣ ପତ୍ର ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାରପ୍ରାପ୍ତ ଛାତ୍ର ବିଦ୍ୟାଳୟରେ ଉପସ୍ଥିତ ନ ଥିବାରୁ ତାଙ୍କ ପିତାଙ୍କୁ ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଗ୍ରାମ କେଶରୀ ଚାନ୍ଦ ଓ ବରିଷ୍ଠ ଶିକ୍ଷକ ସାମଲ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅତିଥି ଶିକ୍ଷକ ପ୍ରକୃତିବନ୍ଧୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମହିମାମୟ ଓ ସୃଜନଶୀଳର ମାଟି ଢେଙ୍କାନାଳ

**ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଯାପିତ**

■ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟଙ୍କୁ ସପ୍ତଶଯ୍ୟା ସମ୍ମାନ

ଢେଙ୍କାନାଳ,୧୯।୧୧(ରତନ ନାୟାର)



ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ସପ୍ତଶଯ୍ୟା ସମ୍ମାନ ପ୍ରଦାନ କରାଯାଇଛି।

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୨ଦିନ ବ୍ୟାପୀ ଚାଲିଥିବା ସପ୍ତଶଯ୍ୟା ମହୋତ୍ସବ-୨୦୨୩ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାପୂର୍ଣ୍ଣ ରାଜ୍ୟସ୍ତରୀୟ ସପ୍ତଶଯ୍ୟା ସମ୍ମାନ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ନିଜ ପ୍ରତିକ୍ରିୟାରେ ଭାବବିହ୍ୱଳ ହୋଇ ରାୟ କହିଲେ, ମହିମାମୟ ସୃଜନଶୀଳର ମାଟି ଢେଙ୍କାନାଳ। ଏହି ମାଟିରେ ଯେଉଁମାନେ ଜନ୍ମଗ୍ରହଣ କରିଛନ୍ତି, ସେମାନେ ଗର୍ବ ଅନୁଭବ କରିବା ଉଚିତ। ସେ ସରକାରୀ ଚାକିରି ଢେଙ୍କାନାଳ ମାଟିରୁ ଆରମ୍ଭ କରିଥିଲେ। ଏଠାରେ ୧୯୭୪ ମସିହାରେ ପ୍ରଥମ ଉପନ୍ୟାସ 'ବର୍ଷା, ବସନ୍ତ, ବୈଶାଖ' ଲେଖିଥିଲେ। ଆଧ୍ୟାତ୍ମିକତା ଓ ପ୍ରେମ ଏହି ଦୁଇଟିକୁ ନେଇ ଢେଙ୍କାନାଳର ପିଲାମାନେ ଆଗକୁ ବଢ଼ନ୍ତୁ ବୋଲି ରାୟ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ, କଳା, ସଂସ୍କୃତିକୁ ଆଗକୁ ବଢ଼ାଇବା ପାଇଁ ଦେବାଂଶୀ ଡ୍ୟାନ୍ସ ଏକାଡେମୀର ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଦିତ୍ୟ ବାହିନୀର ପ୍ରମୁଖ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅତିରିକ୍ତ ଡିଜି ଡ. ଲଳିତ ଦାସ, ସାମାଜିକ କର୍ମୀ ଡ. ବନ୍ଦନା ହରିଚନ୍ଦନ ଓ ସତ୍ୟବ୍ରତ ନାୟକ, ୟୁଏଲ୍ କମ୍ପାନୀର ୱାର୍କର୍ସ ମ୍ୟାନେଜର କ୍ଷୀରୋଦ କୁମାର ବେହେରା, ଚଳଚ୍ଚିତ୍ର ପ୍ରଯୋଜକ ରମେଶ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଶାନ୍ତି ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଗୁରୁ ଗୌରୀଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳଚ୍ଚିତ୍ର ଅଭିନେତ୍ରୀ ଈଷା ବେବର୍ତ୍ତା, ଓଡ଼ିଶୀ ନୃତ୍ୟଶିଳ୍ପୀ ଦୀପ୍ତି ମିଶ୍ର, ପ୍ରୀତିନନ୍ଦା ରାଉତରାୟ, ଜୀବନବ୍ୟାପୀ ସାଧନା ପାଇଁ କଣ୍ଠଶିଳ୍ପୀ ଅନନ୍ଦିତା ଦାସ, ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ଆଲବମ ଅଭିନେତା ସୁରେଶ ପ୍ରସାଦ ରଥଙ୍କ ସମେତ ସ୍ୱପ୍ନାରାଣୀ ସିହ୍ନା, ରୋହିତ ପାତ୍ର, ସମୀକ୍ଷିକା ରୋଜାଲିନା ଦାସ, ଆଲବମ ନିର୍ଦ୍ଦେଶକ ରାଜ ନାରାୟଣ ପଣ୍ଡା, ସାମାଜିକ କର୍ମୀ ଅନ୍ନଦାପ୍ରଭା ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଢେଙ୍କାନାଳର କଳାକାର ସଙ୍ଗୀତରେ ଗୋବିନ୍ଦ ଚନ୍ଦ୍ର, ନୃତ୍ୟରେ ପଦ୍ମା ବଡ଼ିଆ, ନାଟକରେ ଶତ୍ରୁଘ୍ନ ମାଟି, କ୍ରୀଡ଼ାରେ ରାନୁ ମହାନ୍ତି, ସଙ୍ଗୀତରେ ଶାଶ୍ୱତ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଢେଙ୍କାନାଳରୁ ଖୋର୍ଦ୍ଧା ନୂତନ ଟ୍ରେନ ଦାବି

ଢେଙ୍କାନାଳ,୧୯।୧୧(ରତନ ନାୟାର)

**କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲା ରେଳଯାତ୍ରୀ ସଂଘ**

ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ଶନିବାର ସର୍କିଟ ହାଉସଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲା। ଏଥିସହିତ ଢେଙ୍କାନାଳରୁ ଭୁବନେଶ୍ୱର ଓ ନରାଜ ଦେଇ ଖୋର୍ଦ୍ଧା ଏବଂ ଖୋର୍ଦ୍ଧାରୁ କଟକ ଦେଇ ଢେଙ୍କାନାଳ ନୂତନ ଟ୍ରେନ୍ ଚଳାଚଳ କରିବା ପାଇଁ ସଂଘ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ଅନୁଗୋଳରୁ ଢେଙ୍କାନାଳ ଦେଇ ଚାଲୁଥିବା ମେମୁ ଟ୍ରେନ୍ କର୍ମଜୀବୀମାନଙ୍କ ଯିବା ଆସିବାକୁ ନଜରରେ ରଖି ଅଧିକ କୋଚ୍ ବ୍ୟବସ୍ଥା କରିବା ପାଇଁ ରେଳଯାତ୍ରୀ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସଂଘ ସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବଦ୍ରି ନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଅମ୍ବିକା ପ୍ରସାଦ ପାଲ, ଉପଦେଷ୍ଟା ଶ୍ରୀପ୍ରକାଶ ମହାନ୍ତି, ସଦସ୍ୟ ପ୍ୟାରୀ ମୋହନ ସେଠୀ ପ୍ରମୁଖ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।


ରେଳଯାତ୍ରୀ ସଂଘ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଉଛି।

# କଂଗ୍ରେସର ତୁଳସୀ ଯାତ୍ରା

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଶନିବାର ତୁଳସୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ ଘରଘର ବୁଲି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝାଇବା ସହିତ ତୁଳସୀ ମାଗିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ସମଗ୍ର ରାଜ୍ୟରେ ତୁଳସୀ ଯାତ୍ରା ଅନୁଷ୍ଠିତ ହେଉଛି। ଢେଙ୍କାନାଳ ଜିଲା ସଭାପତି ସରୋଜ ପଟ୍ଟନାୟକ ଜିଲାରେ ଏହାର ନେତୃତ୍ୱ ନେଉଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରେମଲତା ରାଉତ, ସରସ୍ୱତୀ ରାଉତ, ସେବତୀ ରାଉଳ, ମମତା ପରିଡା, ଶଶୀକଳା ରାଉଳ, ସୁଚିତ୍ରା ବିଶ୍ୱାଳ, କୁସୁମ ମଞ୍ଜରୀ, ଲକ୍ଷ୍ମୀପ୍ରିୟା ମହାନ୍ତି, ଲତା ମହାନ୍ତି, ରଶ୍ମିତା ପରିଡ଼ା ଓ ବବି ପରିଡା ପ୍ରମୁଖ ସାମିଲ ହୋଇଥିଲେ।


ସିମିନଇ ପଞ୍ଚାୟତରେ କଂଗ୍ରେସର ତୁଳସୀ ଯାତ୍ରା।

# ପାଚିକା ସହାୟିକା ସଂଘ ବୈଠକ



ପାଚିକା ସହାୟିକା ସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଢେଙ୍କାନାଳ ଯାଉଁଳି ପୋଖରୀ ମଠ ପରିସରରେ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମର ସୂଚୀ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଗତ ସେପ୍ଟେମ୍ବର ୨୭ରେ ହୋଇଯାଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ଆହ୍ୱାନ କ୍ରମେ ରାଜଧାନୀରେ ହେବାକୁ ଥିବା ୩ ଦିନିଆ ଗଣଧାରଣାରେ ସଂଘ ୨୬ ତାରିଖରେ ଯୋଗଦେବ। ରାଜ୍ୟ ସମ୍ମିଳନୀ ପୂର୍ବରୁ ଜିଲା ଓ ବ୍ଲକ୍ ସମ୍ମିଳନୀ ଶେଷ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଛଟେଇ ହୋଇ ରହିଥିବା ପାଚିକାମାନଙ୍କୁ ନିଯୁକ୍ତି ନ ଦେଇ ନୂତନ ପାଚିକାଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପାଚିକାମାନଙ୍କୁ ଏସ୍‌ଏମ୍‌ସି ଦ୍ୱାରା ନିଯୁକ୍ତି ଦିଆ ନ ଯାଇ ବିଏସ୍‌ଓଙ୍କ ଦ୍ୱାରା ନିଯୁକ୍ତି ଦିଆଯିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଶାନ୍ତିପ୍ରିୟା ସାହୁ, ଶୁଭାସିନୀ ବେହେରା, ଶାନ୍ତିଲତା ସାହୁ, ପବିତ୍ର ରଣା, ଉତ୍ତରା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ହ୍ୟାଣ୍ଡବଲ୍ ବାଳିକା ଟିମ୍‌ର ସଫଳତା

ଢେଙ୍କାନାଳ,୧୯।୧୧(ରତନ ନାୟାର)

ପୁରୀ ଜିଲା ଡେଲାଙ୍ଗ ଠାରେ ୧୭ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହୋଇଥିବା ୩୬ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଢେଙ୍କାନାଳର ବାଳିକା ଟିମ୍‌କୁ ସଫଳତା ମିଳିଛି। ଢେଙ୍କାନାଳ ଜିଲାର ବରିଷ୍ଠ ବାଳିକା ଓ ବାଳକ ହ୍ୟାଣ୍ଡବଲ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବରିଷ୍ଠ ବାଳିକା ଦଳ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବାଳକ ଦଳ ଲିଗ୍ ମ୍ୟାଚରେ ସନ୍ତୁଷ୍ଟ ହୋଇଥିଲା ବୋଲି ସଂଘ ସମ୍ପାଦକ ପ୍ରେମାନନ୍ଦ ବିହାରୀ ଓ କୋଚ୍ ସତ୍ୟବ୍ରତ ବିଶ୍ୱାଳ ଜଣାଇଛନ୍ତି। ବାଳିକା ଦଳର ସଫଳତା ପାଇଁ ସଂଘ ସମ୍ପାଦକ, ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିଙ୍କ ଗହଣରେ ବରିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳ।

# ପଶ୍ଚିମେଶ୍ୱର ମନ୍ଦିର ପରିଦର୍ଶନ

ଢେଙ୍କାନାଳ,୧୯।୧୧(ରତନ ନାୟାର)



ପଶ୍ଚିମେଶ୍ୱର ମନ୍ଦିର ପରିସରରେ ପଦଯାତ୍ରୀ ଦଳ ସମେତ ସେବାୟତ ଓ ପୂଜକମାନେ।

ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଅନୁଷ୍ଠାନର ୮ମ ସଂସ୍କରଣରେ ରବିବାର ସଦର ବ୍ଲକ ଅଞ୍ଚଳରେ ଥିବା ପ୍ରାଚୀନ ଶୈବପୀଠ ପଶ୍ଚିମେଶ୍ୱର ମନ୍ଦିର ବୁଲି ଦେଖିଥିଲେ। ମନ୍ଦିର ସେବାୟତମାନେ ପଦଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ। ପୂଜକ ମହେଶ୍ୱର ରଣା ମନ୍ଦିରର ଇତିହାସ ଓ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ। ମହାପ୍ରଭୁ ଶ୍ରୀଶ୍ରୀ ପଶ୍ଚିମେଶ୍ୱର ମହାଦେବ ଦିବ୍ୟାଙ୍ଗ ଭକ୍ତଠାରୁ ଗୀତ ଗୋବିନ୍ଦ ଶୁଣିବା ପାଇଁ ମନ୍ଦିରକୁ ପଶ୍ଚିମ ଦିଗକୁ ବୁଲାଇ ଦେଇଥିବାରୁ ପୀଠର ନାମ ପଶ୍ଚିମେଶ୍ୱର ହୋଇଥିବା କିମ୍ବଦନ୍ତୀ ରହିଛି ବୋଲି ପୂଜକ କହିଥିଲେ। ଢେଙ୍କାନାଳର ପୂର୍ବତନ ରାଜା ଦୀନବନ୍ଧୁ ମହିନ୍ଦ୍ର ବାହାଦୂର ଏହି ମନ୍ଦିରର ନିର୍ମାଣ କରାଇଥିଲେ। ମନ୍ଦିରର ଉଚ୍ଚତା ୬୦ଫୁଟ। କଳିଙ୍ଗ ଶୈଳୀରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ଏହାର ମୁଖଶାଳା ବୋଇତାଳ ଶୈଳୀରେ ନିର୍ମିତ ହୋଇଛି। ମୁଖ୍ୟ ମନ୍ଦିର ପାଛ ପାଖରେ ରହିଛି ୮ମ ଶତାବ୍ଦୀର ସିଦ୍ଧେଶ୍ୱର ଓ ସିଦ୍ଧ ମହେଶ୍ୱର ମନ୍ଦିର। ଏହି ଦୁଇଟି ମନ୍ଦିର ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ହୋଇରହିଛି। ଏହି ପୀଠ ପରିସରରେ ଶହ ଶହ ଲିଙ୍ଗ ଅନ୍ୟତମ ଆକର୍ଷଣ। ପଶ୍ଚିମେଶ୍ୱର ମନ୍ଦିର ମଧ୍ୟ ଓଡ଼ିଶାର ଶୈବ ଉପାସନାରେ ଏକ ପ୍ରମୁଖ ପ୍ରାଚୀନ କୀର୍ତ୍ତି ଭାବେ ପରିଚିତ। ଅନୁଷ୍ଠାନର ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପ୍ରାଧ୍ୟାପକ ଡ. ମଳୟ ପତି, ଶିକ୍ଷାବିତ୍ ବିପିନ ପାଣି, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ସୁନିତା ମହାପାତ୍ର, ପ୍ରଶାନ୍ତ ତ୍ରିପାଠୀ, ବଦ୍ରିନାଥ ଜେନା, ରମେଶ ପତି, ନାରାୟଣ ପଟ୍ଟନାୟକ, ଦେବବ୍ରତ ପତି, ପ୍ରଶାନ୍ତ ଜେନା, ଦେବାଶିଷ ସେନାପତି, ବିଶ୍ୱଜିତ ଶତପଥୀ, ଜନ୍ମେଜୟ ରାଉତ ଓ ମନ୍ଦିରର ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିରାମ ପରମହଂସଙ୍କ ବାର୍ଷିକୋତ୍ସବ ସମ୍ମିଳନୀ ପ୍ରସ୍ତୁତି

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଢେଙ୍କାନାଳ ଜିଲାସ୍ତରୀୟ ଭକ୍ତଗୋଷ୍ଠୀ ତରଫରୁ ଦଧିବାମନ ମଠ ପ୍ରାଙ୍ଗଣରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଊନବିଂଶତମ ବାର୍ଷିକୋତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ଆସନ୍ତା ଡିସେମ୍ବର ୨୩, ୨୪ ଓ ୨୫ ତାରିଖରେ ପୌର ପରିଷଦ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଶାନ୍ତି ଆନନ୍ଦାଶ୍ରମର ପୂଜ୍ୟ ଆଚାର୍ଯ୍ୟ ଦେବ ଶ୍ରୀବଳରାମ ଦାସ ମହାରାଜ ଓ ଭଗବତ୍ ଗୋଷ୍ଠୀର ଅନୁମୋଦନ କ୍ରମେ ଢେଙ୍କାନାଳ ଜିଲା ଭକ୍ତଗୋଷ୍ଠୀ ପକ୍ଷରୁ ଏହି ସମ୍ମିଳନୀ କରାଯିବ। ପ୍ରସ୍ତୁତି ବୈଠକରେ ଜିଲା ସଭାପତି ସୁଧାକର ଜେନାଙ୍କ ଅଧ୍ୟକ୍ଷତାରେ ଉପସଭାପତି ରାଧା ବଲ୍ଲଭ ରାୟ, ସମ୍ପାଦକ ହୃଦାନନ୍ଦ ପ୍ରଧାନ, ଯୁଗ୍ମ ସମ୍ପାଦକ ରତିକାନ୍ତ ବେହେରା, କୋଷାଧ୍ୟକ୍ଷ ଅବନୀ କୁମାର ରାଉଳ, ସହଉପଦେଷ୍ଟା ରବୀନ୍ଦ୍ର ଗଣ୍ଡିଆ, ଦୟାନିଧି ସାହୁ, ଦୁର୍ଯ୍ୟୋଧନ ବରାଳ, ନନ୍ଦ ଖିଲାର, ସୁଫଳା ନାୟକ, ଅପର୍ଣ୍ଣା ପରିଡା, ବିଦ୍ୟୁଲତା ଗଣ୍ଡିଆ, ନିର୍ଝରିଣୀ ରାୟ, ବିଜୟଲକ୍ଷ୍ମୀ ବିଶ୍ୱାଳ, ଶ୍ରୀମତୀ ସାହୁ, ବିଜୟ କୁମାର ସାହୁଙ୍କ ସମେତ ଜିଲାର ଭକ୍ତଗୋଷ୍ଠୀ ବୈଠକରେ ଯୋଗ ଦେଇଥିଲେ।


ବାର୍ଷିକୋତ୍ସବ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଯୋଗ ଆସୋସିଏଶନର ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଢେଙ୍କାନାଳର ଆରୋଗ୍ୟମ୍ ଯୋଗ ୱେଲ୍‌ଫେୟାର ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଆୟୁର୍ବେଦ ପ୍ରଫେସର ଡା. ଅଭୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଡେପୁଟି ଡାଇରେକ୍ଟର ଅଶୋକ କୁମାର ଦାଶ, ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ସଂଘର ମୁଖ୍ୟ ପରାମର୍ଶଦାତା ବସନ୍ତ କୁମାର ରଥ ଓ ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ନିର୍ଦ୍ଦେଶିକା ଅନସୂୟା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦୃତାର କୁନି କୁନି ପିଲାଙ୍କ ଦ୍ୱାରା ଯୋଗାସନ, ଶିଶୁ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବିଜ୍ଞାନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ତୃପ୍ତିମୟୀ ଦେବୀ, ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ତଯୁବ୍ ଆନସାରୀ, ସଦସ୍ୟା ନମିତା ରଥ ଓ ନିବେଦିତା ସାହୁ ଏବଂ ଯୋଗ ପ୍ରଶିକ୍ଷିକା ମନସ୍ୱିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଂଘ ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଆରୋଗ୍ୟମ୍ ଯୋଗ ଆସୋସିଏଶନ୍‌ର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ୯ ପଦକ

**ସିବିଏସ୍‌ଇ ଜୋନାଲ ଟାଏକୋଣ୍ଡୋ ପ୍ରତିଯୋଗିତା**

ଢେଙ୍କାନାଳ,୧୯।୧୧(ରତନ ନାୟାର)



ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ରଣପସି ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୨୪ ଛାତ୍ରୀଛାତ୍ର ପଶ୍ଚିମବଙ୍ଗ ବାଲୁରଘାଟର ଟେକ୍ନୋ ଇଣ୍ଡିଆ ପବ୍ଲିକ ସ୍କୁଲରେ ଆୟୋଜିତ ସିବିଏସ୍‌ଇ ଜୋନାଲ ଟାଏକୋଣ୍ଡୋ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ୯ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୭ କାଂସ୍ୟ ପଦକ ବିଜୟୀ ହୋଇ ବିଦ୍ୟାଳୟ, ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ୧୦ଟି ରାଜ୍ୟର ୧୨୦ ବିଦ୍ୟାଳୟ ଭାଗ ନେଇଥିଲେ। ଏଥିରେ ପି. ଶ୍ରୀନିବାସ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଆୟୁଷ କୁମାର ପ୍ରଧାନ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଶୁଭଶ୍ରୀ ସୌମ୍ୟାଲକ୍ଷ୍ମୀ, ଆଦ୍ୟାଶ ମିଶ୍ର, ଯସୀତା ବାରିହା, ଜୀବନଜ୍ୟୋତି ନାୟକ, ସାହିଲ ପୃଷ୍ଟି, ଶୋଭନ୍ ପ୍ରସନ୍ନ ପାଢ଼ୀ, ସାଇ ପ୍ରିୟାଂଶୁ ସାହୁ ପ୍ରମୁଖ କାଂସ୍ୟ ପଦକ ହାସଲ କରି ବିଦ୍ୟାଳୟ ପାଇଁ ୯ଟି ପଦକ ହାସଲ କରିଛନ୍ତି। ଏହି ସଫଳତା ସହ ଓଡ଼ିଶାରେ ସର୍ବୋଚ୍ଚ ପଦକଧାରୀ ପଦ ହାସଲ କରିପାରିଛି ସେଣ୍ଟ ଜାଭିୟର୍ସ ହାଇସ୍କୁଲ। କୋଚ୍ ଭାବରେ ସ୍କୁଲ ଟାଏକୋଣ୍ଡୋ ପ୍ରଶିକ୍ଷକ ମାଷ୍ଟର ସୌମ୍ୟବ୍ରତ ସାହୁ, ମ୍ୟାନେଜର ଭାବେ କ୍ରୀଡ଼ା ଶିକ୍ଷୟିତ୍ରୀ ନର୍ମଦା ମହାପାତ୍ର ଟିମ୍ ସହ ଯାତ୍ରା କରିଥିଲେ। ଏହି ସଫଳତା ପାଇଁ ଶନିବାର ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଓ ସ୍କୁଲ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ଶାଳ ପଟା, ଗଣ୍ଡି ଜବତ

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ବନାଞ୍ଚଳ ଭାଗଲାକଟା ଗ୍ରାମର ଏକ ଆମ୍ବ ବଗିଚାରେ ରବିବାର ବନବିଭାଗ ଚଢ଼ାଉ କରି ୩୫ ସିଫ୍ଟରୁ ଊର୍ଦ୍ଧ୍ୱ ଶାଳ ପଟା ଓ ଗଣ୍ଡି ଜବତ କରିଛି। ଉକ୍ତ ବଗିଚାରେ ବେଆଇନ ଭାବେ ଶାଳ ପଟା ଓ କ୍ଗଣ୍ଡି ଗଚ୍ଛିତ ରଖାଯାଇଥିବା ବନବିଭାଗ ଖବରପାଇ ଚଢ଼ାଉ କରିଥିଲା। ଜବତ ଶାଳ ଗଣ୍ଡି ଓ ପଟାକୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ଏ ନେଇ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ନଂ.୧୭/୨୩ରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଢେଙ୍କାନାଳରେ ବିଶ୍ୱକପ୍ କ୍ରିକେଟ ଫିଭର

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଢେଙ୍କାନାଳ ସହରର ଅଧିକାଂଶ ଅଞ୍ଚଳରେ ବିଶ୍ୱକପ୍ କ୍ରିକେଟ୍ ଫିଭର ଦେଖିବାକୁ ମିଳିଥିଲା। ରବିବାର ବିଶ୍ୱକପ୍ କ୍ରିକେଟ ଦେଖିବା ପାଇଁ ଢେଙ୍କାନାଳ ଷ୍ଟାଡ଼ିୟମ ପରିସରରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଏଲ୍ଇଡି ବ୍ୟବସ୍ଥା ହୋଇଥିଲା। ଏଠାରେ ମ୍ୟାଚ ଦେଖିବା ପାଇଁ ବହୁ ସଂଖ୍ୟାରେ ଭିଡ ଲାଗିଥିଲା। ସେହିପରି ସହରସ୍ଥିତ ବସଷ୍ଟାଣ୍ଡ, ଲୁବୁଲିଟାଉନ-୧ ପୂଜା ପ୍ରତିଷ୍ଠାନ, ପୌରସଂସ୍ଥା ପକ୍ଷରୁ ବସ୍ଷ୍ଟାଣ୍ଡ, ଜିଲା କାର୍ଯ୍ୟାଳୟ ସମ୍ମୁଖ ଏବଂ ବିଭିନ୍ନ ସ୍ଥାନରେ ଲାଗିଥିବା ଏଲ୍ଇଡି ଜରିଆରେ ବିଶ୍ୱକପ୍ କ୍ରିକେଟକୁ ପ୍ରସାରଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲୋକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କ୍ରିକେଟକୁ ଉପଭୋଗ କରିଥିଲେ। ତେବେ ଅଷ୍ଟ୍ରେଲିଆର ବିଜୟ ପରେ କ୍ରିକେଟ ପ୍ରେମୀମାନେ ନିରାଶ ହୋଇଥିବା ଦେଖାଯାଇଥିଲା।



# ଜିଲାସ୍ତରୀୟ କ୍ଷତ୍ରିୟ ଖଣ୍ଡାୟତ ସମ୍ମିଳନୀ

### ମନୋନୀତ ହେଲେ ବ୍ଲକ ଓ ପୌରାଞ୍ଚଳସ୍ତରୀୟ ଆବାହକ

ଢେଙ୍କାନାଳ,୧୯।୧୧(ରତନ ନାୟାର)



ଜିଲାସ୍ତରୀୟ କ୍ଷତ୍ରିୟ ଖଣ୍ଡାୟତ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ ସହରସ୍ଥିତ ବାଣିଜ୍ୟ ଭବନଠାରେ ଜିଲା କ୍ଷତ୍ରିୟ ଖଣ୍ଡାୟତ ମହାସଭା ଦ୍ୱାରା ଆହୁତ ଏକ ଜିଲାସ୍ତରୀୟ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜାତିର ଦିବଂଗତ ପୂର୍ବସୂରୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଏକ ମିନିଟ୍ ସ୍ମୃତି ଚାରଣ କରାଯାଇଥିଲା। ପରେ ଜିଲା ଆବାହକ ରାଜ କିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଢେଙ୍କାନାଳ ଜିଲାର ପ୍ରତ୍ୟେକ ବ୍ଲକ, ପଞ୍ଚାୟତ ଓ ଗ୍ରାମରେ ମହାସଭାକୁ ବିସ୍ତାରିତ କରି ଏକ ଆଦର୍ଶ ସମାଜ ଗଠନ କରାଯିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ନବୀନଚନ୍ଦ୍ର ନାରାୟଣ ଦାସ ସଦସ୍ୟମାନଙ୍କୁ ଭାଇଚାରା ଓ ମୈତ୍ରୀଭାବ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟସ୍ତରରେ ଏକ ପାଇକ ଏକାଡେମୀ ସ୍ଥାପନ ନିଷ୍ପତ୍ତିକୁ ସ୍ୱାଗତ ସହ ଭବିଷ୍ୟତରେ ସମର କଳା କୌଶଳ ଶିକ୍ଷାଦାନ କ୍ଷେତ୍ରରେ ଯୁବବର୍ଗଙ୍କୁ ସୁଯୋଗ ମିଳିବା ନେଇ ଆଶାବ୍ୟକ୍ତ କରାଯାଇଥିଲା। ସମ୍ମିଳନୀରେ ବ୍ଲକସ୍ତରୀୟ ଓ ପୌରାଞ୍ଚଳସ୍ତରୀୟ ଆବାହକଙ୍କୁ ମନୋନୀତ କରାଯାଇଥିଲା। ଢେଙ୍କାନାଳ ସଦର ବ୍ଲକ ନିମନ୍ତେ ଦୁର୍ଗାମାଧବ ଜେନା ଓ ବାସନ୍ତୀ ସ୍ୱାଇଁ, ଢେଙ୍କାନାଳ ପୌରାଞ୍ଚଳ ନିମନ୍ତେ ପ୍ରଦୀପ କୁମାର ଧଳ, ହିନ୍ଦୋଳ ବ୍ଲକ ନିମନ୍ତେ ରତିକାନ୍ତ ଗଡନାୟକ ଓ ଦୀପକ ଗଡନାୟକ, ଗଁଦିଆ ବ୍ଲକରୁ ମଳୟ କୁମାର ସିଂହ, ପଙ୍କଜ ନାୟକ, ଓଡ଼ାପଡ଼ାରୁ ବିଶ୍ୱଜିତ ଅର୍ଜେନ୍ଦୁ କୁମାର ଜେନା ଓ ବାହାଦୁର ପାଟ୍ଟସାହାଣୀ, ପରଜଙ୍ଗରୁ ଭ୍ରମରବର ଦଳାଇ ଓ ନଗେନ ବିନାୟକ, କାମାକ୍ଷାନଗରରୁ ଶ୍ରୀକାନ୍ତ କୁମାର ବରାଳ ଓ ନିଶାକର ଜେନା, ଭୁବନରୁ ଶତ୍ରୁଘ୍ନ ଜେନା ଓ ଭାଗୀରଥି ଜେନା, କଙ୍କଡାହାଡ ବ୍ଲକରୁ ଜିମୁତବାହନ ସିଂହ ଓ ଅଦ୍ୱୈତପ୍ରସାଦ ସ୍ୱାଇଁଙ୍କୁ କ୍ରମେ ମନୋନୀତ କରାଯାଇଥିଲା। ନଭେମ୍ବର ଶେଷ ସୁଦ୍ଧା ପଞ୍ଚାୟତସ୍ତରୀୟ ଆବାହକ ଓ କର୍ମକର୍ତ୍ତା ମନୋନୟନ ନିମନ୍ତେ ସ୍ଥିର କରାଗଲା। ଜିଲାସ୍ତରୀୟ ସଂସାଧନ ଓ ସମ୍ବଳ କମିଟିରେ ପ୍ରେମାନନ୍ଦ ବିଶ୍ୱାଳ, ମାନସ ରଞ୍ଜନ ରାଉତ, ଅମ୍ବିକା ପ୍ରସାଦ ବରାଳ, ସ୍ମିତାରାଣୀ ସାମଲ, କୈଳାସ ଚନ୍ଦ୍ର ରାଉତ, ଅକ୍ଷୟ କୁମାର ମହାନ୍ତି ଓ ଭିକାରୀ ଚରଣ ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଅନୁଗୋଳ ଜିଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ସଭାପତି ସୁବୋଧ କୁମାର ସିଂହ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରି ଅବିଭକ୍ତ ଢେଙ୍କାନାଳ ଜିଲାର ପାଇକମାନଙ୍କୁ ସଙ୍ଗଠିତ କରି ଏକ ରାଜ୍ୟସ୍ତରୀୟ ପାଇକ ସମ୍ମିଳନୀ ଢେଙ୍କାନାଳ ଠାରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରିୟବ୍ରତ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଢେଙ୍କାନାଳ ଜିଲା ସଦର ଥାନା ଆଛନ୍ଦ ଗ୍ରାମରୁ ଉଦ୍ଧାର କରାଯାଇଥିବା ଅଜଗର।

## ୨ ଅଜଗର ଉଦ୍ଧାର, ଛଡ଼ାଗଲା ଜଙ୍ଗଲରେ

ଢେଙ୍କାନାଳ,୧୯।୧୧(ରତନ ନାୟାର)/ ଛେଣ୍ଡିପଦା (ଅଜିତ ଧଳ)

ଢେଙ୍କାନାଳ ଜିଲା ସଦର ଥାନା ଆଛନ୍ଦ ଗ୍ରାମରୁ ଶନିବାର ରାତିରେ ୧୭ଫୁଟ ଲମ୍ବର ଏକ ଅଜଗର ସାପକୁ ବନ୍ୟପ୍ରାଣୀ ଓ ସାପ ଉଦ୍ଧାରକାରୀ ଦଳର ସଦସ୍ୟମାନେ ଉଦ୍ଧାର କରିଛନ୍ତି। ଗ୍ରାମର ନରି ବେହେରାଙ୍କ ଫାର୍ମରୁ ଏହି ସାପଟିକୁ ଉଦ୍ଧାର କରାଯାଇଥିଲା। ସାପଟିକୁ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ ଜମିଥିଲା। ପରେ ସାପଟିକୁ କପିଳାସ ଅଭୟାରଣ୍ୟ ମଧ୍ୟରେ ଛାଡି ଦିଆଯାଇଥିବା ଉଦ୍ଧାରକାରୀ ଦଳର ସଦସ୍ୟ ସୌମ୍ୟଜିତ ରଥ ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ଥିବା ଧୀରେନ ପ୍ରଧାନଙ୍କ ଲୁହା ରଡ୍ ଗୋଦାମରୁ ରବିବାର ଏକ ୬ ଫୁଟ୍ର ଅଜଗର ଉଦ୍ଧାର କରାଯାଇଛି। ଧୀରେନ ସାପଟିକୁ ଦେଖି ସର୍ପ ଉଦ୍ଧାରକାରୀ ନଗେନ ନନ୍ଦଙ୍କୁ ସୂଚନା ଦେଇଥିଲେ। ନଗେନ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ସୁରକ୍ଷିତ ଭାବେ ଉଦ୍ଧାର କରି ବନବିଭାଗ ସହାୟତାରେ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲେ।


ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟ ନିକଟରୁ ଉଦ୍ଧାର କରାଯାଇଥିବା ଅଜଗର।

# ମହାବିଦ୍ୟାଳୟରେ ସମନ୍ୱିତ କାର୍ଯ୍ୟକ୍ରମ




ବଇଣ୍ଡା,୧୯।୧୧(ପରିକ୍ଷିତ ସାହୁ)

ଉଚ୍ଚଶିକ୍ଷା ବିଭାଗ ଓ କ୍ରୀଡ଼ା ଯୁବ ବ୍ୟାପାର ବିଭାଗ ଓଡ଼ିଶା ସରକାରଙ୍କ ସହାୟତାରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଶୁକ୍ରବାର କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା, ସାଂସ୍କୃତିକ ତଥା ସମାଜ ସେବାରେ ଯୁବ ଶକ୍ତିମାନଙ୍କୁ ସାମିଲ କରି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାକୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଜୟ କୃଷ୍ଣ ପ୍ରଧାନ ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଭାବେ ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁ, ଅଧ୍ୟାପକ ପୁରୁଷୋତ୍ତମ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଅଧ୍ୟାପିକା ରୁଚିସ୍ମିତା ପରିଡା, ଗ୍ରନ୍ଥାଗାରିକ ଗୋବର୍ଦ୍ଧନ ପ୍ରଧାନ, ସୁଶାନ୍ତ ରାଉଳ ଏବଂ ସୁରେନ୍ଦ୍ର ମିର୍ଦ୍ଧା ସହାୟତା କରୁଛନ୍ତି। କ୍ରୀଡ଼ା, ସାଂସ୍କୃତିକ ଓ ସମାଜସେବା କ୍ଲବ ଗଠନ କରାଯାଇ ସମନ୍ୱିତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଛାତ୍ରୀଛାତ୍ର ସଂକଳ୍ପ କରିଛନ୍ତି।

## ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାସୋଳ,୧୯।୧୧(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଦାମିନୀ ପ୍ଲାଜାଠାରେ ଚାଲିଥିବା ବିଜେଡିର ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଭୁବନେଶ୍ୱର ଉତ୍ତର ବିଧାୟକ ତଥା ହିନ୍ଦୋଳ ପର୍ଯ୍ୟବେକ୍ଷକ ସୁଶାନ୍ତ ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଉପସ୍ଥିତ ଥିଲେ। ରାଜ୍ୟ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଅଶୋକ ନାୟକ ଯୋଗଦେଇ ତୃଣମୂଳସ୍ତରରୁ କିଭଳି ସଙ୍ଗଠନକୁ ସୁଦୃଢ଼ କରାଯାଇପାରିବ ସେ ନେଇ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ହିନ୍ଦୋଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବରୁଣ ସରଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଜିଲାପରିଷଦ ସଭ୍ୟ ପରିଚାଳନା କରିଥିଲେ। ବିଜେଡି ମହିଳା ଓ ଛାତ୍ର ସଙ୍ଗଠନ ସହଯୋଗ କରିଥିଲେ।

# ଛାତ୍ରୀମାନେ ଦେଶର ମେରୁଦଣ୍ଡ

ବଇଣ୍ଡା,୧୯।୧୧(ପରିକ୍ଷିତ ସାହୁ)

ଛାତ୍ରୀଛାତ୍ରମାନେ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରହିବ। ସେମାନେ ଦେଶର ମେରୁଦଣ୍ଡ। ଶନିବାର ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ସୁଜିତ ଖାଡ଼ିଆ, ଶଶିଭୂଷଣ ସାହୁ, ପ୍ରଶ୍ନ ପ୍ରଧାନ, ରୁଦ୍ରପ୍ରସାଦ ମହାରଣା, ପପୁ ରଞ୍ଜନ ସାହୁ, ସୌରଭ ସରକାର ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ୧୦୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ରେଣୁକା ମାଝି ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ବିପଦରୁ ଛାତ୍ରୀମାନେ ରକ୍ଷା ପାଇବେ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।


ଆତ୍ମରକ୍ଷା କୌଶଳ ଶିବିରରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ନବଜାତ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ

ଅନୁଗୋଳ,୧୯।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ହୁଲୁରିସିଙ୍ଗା ନେତାଜୀ କ୍ଲବରେ ଜାତୀୟ ନବଜାତ ଶିଶୁ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି ଅଧ୍ୟକ୍ଷତା କରି ଜାତୀୟ ନବଜାତ ଶିଶୁର ଯତ୍ନ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଜନ୍ମରୁ ୨୮ ଦିନ ଯାଏ ଶିଶୁର ଯତ୍ନ ଅଧିକ ଆବଶ୍ୟକ ହେଉଥିବାରୁ ମା' ଓ ପରିବାରର ଅନ୍ୟମାନେ ଏ ଦିଗରେ ଯତ୍ନବାନ ହେବା ଜରୁରୀ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି ଶିଶୁର ଟିକାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଦେବାଶିଷ ପ୍ରଧାନ, ଜିଲା ବିତ୍ତୀୟ ପରିଚାଳକ ସପନ କୁମାର ପାତ୍ର, ସୂର୍ଯ୍ୟ ପ୍ରତାପ ମାନସିଂହ, ସ୍ୱାସ୍ଥ୍ୟକର୍ମୀ, ଗର୍ଭବତୀ ଓ ପ୍ରସୂତିମାନେ ଯୋଗ ଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭରତ କୁମାର ସାହୁ ସଂଯୋଜନା କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ



ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୧୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ନୂତନ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଧରଣୀଧର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ଗଣତନ୍ତ୍ର ସୁଦୃଢ଼ ଓ ସରକାର ଗଠନ କରିବାରେ ଭୋଟରମାନଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ନୂତନ ଭୋଟର ପଞ୍ଜୀକରଣ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ସହକାରୀ ଜିଲାପାଳ ବିକ୍ରମ କୁମାର ମଲ୍ଲିକ ମୋବାଇଲ ମାଧ୍ୟମରେ ଅନ୍‌ଲାଇନରେ ସହଜରେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରିହେବ ବୋଲି କହିଥିଲେ। ଏଥିରେ ତାରାକାନ୍ତ ଦେହୁରୀ ଓ ପ୍ରୀତିଦୀପା ରାଉତ ଓ ବନମାୟୀ ରାଉତ ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପକ ସୁଜିତ କୁମାର ସାମଲ ଭୋଟରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଧରଣୀଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର ପରିଡା, ଅଧ୍ୟାପିକା ଅନିତା ଦାସ, ଅନିଲ କୁମାର ପଣ୍ଡା, କିଶୋର ଚନ୍ଦ୍ର ନନ୍ଦ, ଶଶଧର ସାହୁ, ଭାରତୀ ବେହେରା, କୀର୍ତ୍ତି କୌଶିକ ପଣ୍ଡା, ପ୍ରଜ୍ଞା ପାରମିତାଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

## ବିଜ୍ଞାନମେଳାରେ ୭୦ ପ୍ରକଳ୍ପ ପ୍ରଦର୍ଶିତ

ଭୁବନ,୧୯।୧୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସ୍କୁଲସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନ ବିଡିଓ କଲ୍ୟାଣ ସୌରଭ ଦାସ, ମୁଖ୍ୟବକ୍ତା ଭାବେ କଲେଜ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ହରେକୃଷ୍ଣ ପଣ୍ଡା ଯୋଗ ଦେଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ତରଣୀସେନ ମହାରଣା, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜଗବନ୍ଧୁ ଜେନା ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ସୟଂସିଦ୍ଧ ସ୍ୱାଇଁ ଓ କନିଷ୍ଠ ବିଭାଗରେ ୭ମ ଶ୍ରେଣୀ ଛାତ୍ର ଦୁଷ୍ମନ୍ତ କୁମାର ଦାସ ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ ହୋଇଥିଲେ। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ପରିଚାଳନା କରିଥିଲେ। ଅତିଥି ଭାବେ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ଅଦିତ୍ୟ ସାମଲ, ସୁକାନ୍ତ ସାହୁ ଓ ଅକ୍ଷୟ ଶତପଥୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।


ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖୁଛନ୍ତି।

## ଜୈବିକ ଚାଷ ପ୍ରଣାଳୀ ଉପରେ ଜ୍ଞାନ ପରୀକ୍ଷା

କାମାକ୍ଷାନଗର,୧୯।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶଶାପସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଇସିଆଇ ଢେଙ୍କାନାଳ ଶାଖା ତରଫରୁ ଜୈବିକ ପ୍ରଣାଳୀରେ ପୁଷ୍ଟିକର ବଗିଚା କିପରି କରାଯାଇ ପାରିବ ସେ ବିଷୟରେ ଏକ ରଚନା ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ୩୬ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ୩ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଆଇସିଆଇ ଜିଲା ସଂଯୋଜକ ଆଶୁତୋଷ ପଣ୍ଡା, ସଭ୍ୟ ମଧୁମିତା ସିଂ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ସାହୁ ଓ ଶିକ୍ଷୟିତ୍ରୀ ପ୍ରଣତି ସାହୁ ପ୍ରମୁଖ ପରିଚାଳନା କରିଥିଲେ। କଙ୍କଡ଼ାହାଡ଼ ବ୍ଲକର ୧୦ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏହି ଜୈବିକ ପୁଷ୍ଟିକର ବଗିଚା କରିବା ସହିତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଆଇସିଆଇ ତରଫରୁ ତାଲିମ ଦିଆଯାଉଛି ବୋଲି ସୂଚନା ଦିଆଯାଇଥିଲା। ଏଥିସହିତ ୬ଟି ପଞ୍ଚାୟତରେ ୨୮୭ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବାଡିରେ ପୁଷ୍ଟି ବଗିଚା କରାଯାଇଛି ବୋଲି ଆଇସିଆଇ ଜିଲା ସଂଯୋଜକ ଆଶୁତୋଷ ପଣ୍ଡା ସୂଚନା ଦେଇଛନ୍ତି।


କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ସୁରକ୍ଷା ତାଲିମ

ଆଠମଲ୍ଲିକ,୧୯।୧୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ବରିଷ୍ଠ ନାଗରିକଙ୍କୁ ହେଲ୍ପ ଏଜ୍ ଇଣ୍ଡିଆ ତରଫରୁ ଡିଜିଟାଲ ସେଫଟି ଟ୍ରେନିଂ ଦିଆଯାଇଛି। ଓଡ଼ିଶା ଶାଖା ସଂଯୋଜକ ଦେବଶ୍ରୀ ବର୍ମା ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ବରିଷ୍ଠ ନାଗରିକମାନେ କିପରି ଠକାମୀର ଶିକାର ହେଉଛନ୍ତି ତାହା ବୁଝାଇବା ସହିତ ମୋବାଇଲ ବ୍ୟବହାର ଉପରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦେବେନ୍ଦ୍ର କୁମାର ମିଶ୍ର, ଉପସଭାପତି ପୀତାମ୍ବର ବିଶ୍ୱାଳ, ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ, ଉପଦେଷ୍ଟା ନନ୍ଦ କିଶୋର ମହାକୁଡ଼ଙ୍କ ସମେତ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ସୁର-ତାଲ୍‌ର ୨୩ ତମ ବାର୍ଷିକ ଉତ୍ସବ

ଅନୁଗୋଳ, ୧୯।୧୧ (ଅମିତ କୁମାର ସାମଲ)

ଅନୁଗୋଳର ସେବା ଓ ସାଂସ୍କୃତିକ ଅନୁଷ୍ଠାନ ସୁରତାଲ୍‌ର ୨୩ ତମ ବାର୍ଷିକ ଉତ୍ସବ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅତିଥି ଭାବେ ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ଅଜୟ କୁମାର ଦାସ, ପ୍ରିୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଲଘୁଯନ୍ତ୍ର ସଙ୍ଗୀତ ଗିଟାର ଜୁନିୟର ବିଭାଗରେ ହୀରେନ୍ ପ୍ରଥମ ହୋଇଥିବାବେଳେ ଅନ୍ୱେଶ ନାୟକ ଦ୍ୱିତୀୟ ଓ ଦେସ୍‌ଲୟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବିଭାଗରେ ଦେବ୍ୟାନି ରାଉତ ପ୍ରଥମ, ସ୍ୱପ୍ନିଲ ଦାସ ଦ୍ୱିତୀୟ ଓ ରଘୁନାଥ ବେହେରା ଏବଂ ବିଶ୍ୱାସ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। କିବୋର୍ଡ ସବ୍ ଜୁନିୟରରେ ସାର୍ଥକ ପ୍ରିୟଦର୍ଶୀ ପ୍ରଥମ, ଅଦ୍ୟା ତ୍ରିପାଠୀ ଦ୍ୱିତୀୟ ଓ ରୁଦ୍ରାଂଶ୍ ଦାସ ତୃତୀୟ ହୋଇଥିଲେ। ଜୁନିୟର କି ବୋର୍ଡରେ ଓମ୍ ପ୍ରକାଶ ପ୍ରଥମ, ଶ୍ରେୟାଂସୀ ଶତପଥୀ ଦ୍ୱିତୀୟ ଓ ଶୋୟମଣୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶୀ ବିଭାଗ ସବ୍ ଜୁନିୟରରେ ଚିନ୍ମୟୀ ସାହୁ ପ୍ରଥମ, ଅନୁସ୍ୱା ସାହୁ ଦ୍ୱିତୀୟ ଓ ଶ୍ରୀୟାଶିଂ ମହାରଣା ତୃତୀୟ ହୋଇଥିଲେ। ଓଡ଼ିଶୀ ଜୁନିୟର ବିଭାଗରେ ଦୀପଶିଖା ପାତ୍ର ପ୍ରଥମ, ଗୋଲମୀ ଦାସ ଦ୍ୱିତୀୟ ଓ ଶର୍ମିଷ୍ଠା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୌତୁକ ବେଶରେ ଦୁଇଟି ପର୍ଯ୍ୟାୟରେ କରାଯାଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ସୁରତାଲ ସାଧାରଣ ସମ୍ପାଦନ ଚୈତନ୍ୟ ପୋଥାଳ ସୂଚନା ଦେଇଛନ୍ତି। ସେହିପରି ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କେ.ଏସ.କୁମାର, ଜିଲା କଳା ଓ ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ପ୍ରଧାନ ଶିକ୍ଷକ କେ.ଭି.-୧ ଅନୁଗୋଳ ଦିବେଶ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏକକ ଲଘୁ ନୃତ୍ୟ, ଦଳଗତ ଲଘୁ ନୃତ୍ୟର ବିଚାରକ ଭାବେ ଗୁରୁ ମଦନ ମୋହନ ପୂର୍ତ୍ତି, ଗୁରୁ ଅନିଲ ସାଗର ଉପସ୍ଥିତ ଥିଲେ ବୋଲି ସଂପାଦକ ଚୈତନ୍ୟ ପୋଥାଳ ସୂଚନା ଦେଇଛନ୍ତି।



## ଶିଶୁମାନେ ଦେଶର ସମ୍ପତ୍ତି

ଆଠମଲ୍ଲିକ, ୧୯।୧୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଭଗବାନ ପ୍ରଧାନ ଯୋଗଦେଇ ଶିଶୁଙ୍କୁ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝେଇବା ସହିତ ଶିଶୁମାନେ ଦେଶର ମୁଖ୍ୟ ସମ୍ପତ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସଙ୍ଗୀତକାର ବ୍ରହ୍ମା କୁମ୍ଭାର, ବିଦ୍ୟାଳୟ ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳି, ଉପସଭାପତି କଶ୍ୟପ କ୍ଷେତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ରଶ୍ମିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କୌତୁକ ପୋଷାକ ପ୍ରତିଯୋଗିତା ଏବଂ ୮ମ ରୁ ୧୦ମ ଶ୍ରେଣୀ ଶିଶୁଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

